# NATIONAL NEWS BULLETIN (ODIA)

## 3 October - 2023

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତେଲଙ୍ଗାନା ଓ ଛତିଶଗଡ଼ରେ ଅନେକ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।
- ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୬ ଦଶମିକ୍ ୩ ପ୍ରତିଶତ ହେବ ବୋଲି ବିଶ୍ୱବ୍ୟାଙ୍କ୍ କହିଛି ।
- ତଥ୍ୟ ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଦେଶ ଗଠନରେ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ଚଳିତ ବର୍ଷ ତିନି ଜଣ ପଦାର୍ଥ ବିଜ୍ଞାନୀଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ ।

ଏବଂ

- ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୬୬କୁ ବୃଦ୍ଧି ପାଇଛି ।

# ପିଏମ୍-ତେଲଙ୍ଗାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତେଲଙ୍ଗାନାର ନିଜାମାବାଦ୍‌ରେ ୮ ହଜାର କୋଟି ଟଙ୍କା ବହୁମୁଖୀ ବିକାଶ ମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ମନୋହରାବାଦ୍ ଏବଂ ସିଦ୍ଦିପେଟ୍ ମଧ୍ୟରେ ନୂତନ ରେଳ ଲାଇନ୍‌କୁ ଉତ୍ସର୍ଗ କରିବା ସହ ଧର୍ମାବାଦ୍-ମନୋହରାବାଦ୍ ଏବଂ ମହବୁବ୍ ନଗର-କୁର୍ଣ୍ଣୁର୍ ରେଳ ଲାଇନ୍‌ର ବିଦ୍ୟୁତ୍ କରଣକୁ ଉଦ୍‌ଘାଟନ କରିଛନ୍ତି ।

ସେହିପରି ଏନ୍.ଟି.ପି.ସି. ରାମାଗୁଣ୍ଡମ୍ ତେଲଙ୍ଗାନା ସୁପର ଥର୍ମାଲ୍ ଶକ୍ତି ପ୍ରକଳ୍ପର ୮୦୦ ମେଗାୱାଟ୍ ୟୁନିଟ୍ ପ୍ରଥମ ପର୍ଯ୍ୟାୟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ପ୍ରକଳ୍ପରୁ ଉତ୍ପାଦିତ ୮୫ ପ୍ରତିଶତ ବିଦ୍ୟୁତ୍ ଶକ୍ତି ରାଜ୍ୟରେ ବ୍ୟବହାର ହେବ ଏବଂ ବଳକା ବିଦ୍ୟୁତ୍ ଉତ୍ତର-ଦକ୍ଷିଣ ଗ୍ରୀଡ୍‌କୁ ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ୍ ଅଧୀନରେ ୨୦ଟି ଜିଲ୍ଲା ମୁଖ୍ୟାଳୟରେ ୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ୍ କେୟାର୍ ବ୍ଲକ୍‌ର ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ପେଡାପାଲି ପ୍ରକଳ୍ପ ହେଉଛି ଦେଶର ଅତ୍ୟାଧୁନିକ ଶକ୍ତି ପ୍ରକଳ୍ପ ଏବଂ ଖୁବ୍

ଶୀଘ୍ର ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ । କୌଣସି ଦେଶ ଅବା ରାଜ୍ୟର ବିକାଶ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଉପରେ ନିର୍ଭର କରେ । କାରଣ ଏହା ବ୍ୟବସାୟ ସୁଗମତା ଓ ଜୀବନଧାରଣ ମାନକୁ ସୁଗମତା କ୍ଷେତ୍ରରେ ଉନ୍ନତି ଆଣିଥାଏ । ତେଲଙ୍ଗାନାର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ତେଲଙ୍ଗାନାର ରାଜ୍ୟପାଳ ତମିନ୍ ସାଇ ସୌନ୍ଦର ରାଜନ ଏବଂ କେନ୍ଦ୍ର ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ ।

## ଛତିଶଗଡ଼-ପିଏମ୍

ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଛତିଶଗଡ଼ର ବସ୍ତର ଡିଭିଜନ୍ ସ୍ଥିତ ଜଗଦଲପୁର ଠାରେ ୨୬ ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ବସ୍ତରର ନଗରନାର୍ ଠାରେ ସ୍ଥାପିତ NMDC ଇସ୍ପାତ କାରଖାନାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ୨୪ ହଜାର କୋଟି ଟଙ୍କା ମୂଲ୍ୟରେ ନିର୍ମିତ ସେହି ଇସ୍ପାତ କାରଖାନାରୁ ଉନ୍ନତମାନର ଇସ୍ପାତ ଉତ୍ପାଦିତ ହେବ । ସେହି କାରଖାନା ହଜାର ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ ।

ଜଗଦଲପୁରକୁ ତାଙ୍କର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଜଗଦଲପୁର ରେଳ ଷ୍ଟେସନର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଅନ୍ତାଗଡ଼ ଏବଂ ତାରୋକି ମଧ୍ୟରେ ନୂଆ ରେଳ ଲାଇନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହା ବ୍ୟତୀତ ଜଗଦଲପୁର ଓ ଦାନ୍ତେଓ୍ୱାଡ଼ା ମଧ୍ୟରେ ରେଳ ଲାଇନ୍‌ର ଦୋହରୀକରଣକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଶ୍ରୀ ମୋଦୀ ତାରୋକି ଓ ରାୟପୁର ମଧ୍ୟରେ ରେଳସେବାର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହିସବୁ ପ୍ରକଳ୍ପ ଗୁଡ଼ିକ ଆଦିବାସୀ ବହୁଳ ଇଲାକାରେ ରେଳ ଯୋଗାଯୋଗ ବୃଦ୍ଧି କରିବା ସହ ସେହି ଅଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ପଥ ଉନ୍ମୁକ୍ତ କରିବ ।

ପ୍ରଧାନମନ୍ତ୍ରୀ କୁଙ୍କୁରୀ ଓ ଛତିଶଗଡ଼-ଝାଡ଼ଖଣ୍ଡ ସୀମା ମଧ୍ୟରେ ୪୫ ନମ୍ବର ଜାତୀୟ ରାଜପଥରେ ନିର୍ମିତ ନୂଆ ସଡ଼କୁ ମଧ୍ୟ ଉତ୍ସର୍ଗ କରିଛନ୍ତି ।

## ଓ୍ୱାର୍ଲଡ ବ୍ୟାଙ୍କ-ଇଣ୍ଡିଆ

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନକୁ ଶତକଡ଼ା ୬ ଦଶମିକ ୩ ଭାଗରେ ଅପରିବର୍ତ୍ତିତ ରଖିବାକୁ ବିଶ୍ୱବ୍ୟାଙ୍କ ନିଷ୍ପତ୍ତି ନେଇଛି । ବାହ୍ୟ ଚ୍ୟାଲେଞ୍ଜ ଗୁଡ଼ିକ ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଭଲ ଥିବାରୁ ବିଶ୍ୱବ୍ୟାଙ୍କ ଏଭଳି ନିଷ୍ପତ୍ତି ନେଇଛି ।

ଗତ ଏପ୍ରିଲ୍ ମାସରେ ବିଶ୍ୱବ୍ୟାଙ୍କ ୨୦୨୩-୨୪ ପାଇଁ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନକୁ ଶତକଡ଼ା ୬ ଦଶମିକ ୩ ଭାଗକୁ ହ୍ରାସ କରିଥିଲା । ତାହା ପୂର୍ବରୁ ବିଶ୍ୱବ୍ୟାଙ୍କ ଏହାକୁ ଶତକଡ଼ା ୬ ଦଶମିକ ୬ ଭାଗ ରଖିଥିଲା । ବିଶ୍ୱବ୍ୟାଙ୍କର ସର୍ବଶେଷ 'ଭାରତ ବିକାଶ ରିପୋର୍ଟ'ରେ କୁହାଯାଇଛି ଆନ୍ତର୍ଜାତିକ ଚ୍ୟାଲେଞ୍ଜ ଗୁଡ଼ିକର ସମ୍ମୁଖୀନ ହେବା ସତ୍ତ୍ୱେ ଭାରତ ୨୦୨୨-୨୩ରେ ବିଶ୍ୱରେ ଏକମାତ୍ର ଦ୍ରୁତ ବିକାଶକାରୀ ଅର୍ଥନୀତି ହୋଇ ରହିଛି । ସେହି ସମୟରେ ଭାରତର ଅଭିବୃଦ୍ଧି ହାର ଶତକଡ଼ା ୭ ଦଶମିକ ୨ ଭାଗ ରହିଥିଲା ।

## ଅନୁରାଗ ଠାକୁର

ତଥ୍ୟ ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଦେଶ ଗଠନରେ ସମ୍ବାଦପତ୍ର ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭୁବନେଶ୍ୱର ଠାରେ ଏକ ଦୈନିକ ସମ୍ବାଦପତ୍ରର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗଦେଇ ସେ କହିଛନ୍ତି, ସାମ୍ବାଦିକତା ଏକ ସେବା ବୋଲି ମହାତ୍ମା ଗାନ୍ଧି କହିଥିଲେ । ଗାନ୍ଧିଜୀଙ୍କର ଏହି ସନ୍ଦେଶକୁ ଅନେକ ସାମ୍ବାଦିକ ଭୁଲି ଯାଉଥିବାର ସେ କହିଛନ୍ତି । ସାମ୍ବାଦିକତାରେ ଆଞ୍ଚଳିକ ଭାଷାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି ନୂଆ ଜାତୀୟ ଶିକ୍ଷାନୀତିରେ ଆଞ୍ଚଳିକ ଭାଷା ଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇଥିବାର ସେ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର

ପ୍ରଚାର ଦ୍ୱାରା ସମାଜର ବ୍ୟାପକ କ୍ଷତି ଘଟିଥାଏ ବୋଲି ଶ୍ରୀ ଠାକୁର କହିଛନ୍ତି ।

ଏହି ଅବସରରେ ଶିକ୍ଷା, ଦକ୍ଷତା ବୃଦ୍ଧି ଓ ଉଦ୍ୟୋଗପତି ପ୍ରତିଭା ବିକାଶ ମନ୍ତ୍ରୀ  ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୪୭ ମସିହାରେ ଭାରତ ସ୍ୱାଧୀନତାପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ ଓ ଏହି ସମୟ ମଧ୍ୟରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିବାର ଆବଶ୍ୟକତା ରହିଛି । ଦୁଇ କେନ୍ଦ୍ର ମନ୍ତ୍ରୀ ଆଜି ଓଡ଼ିଶାକୁ ଦିନିକିଆ ଗସ୍ତରେ ଆସିଛନ୍ତି । ଉଭୟ କେନ୍ଦ୍ର ମନ୍ତ୍ରୀ କଟକ ଠାରେ ଆଉ ଏକ ସମ୍ବାଦପତ୍ରର ଶତବାର୍ଷିକୀ ସମାରୋହରେ ଯୋଗ ଦେଇଛନ୍ତି ।

## ଅନୁରାଗ ଠାକୁର-ଭୁବନେଶ୍ୱର

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର କହିଛନ୍ତି, ଜନକଲ୍ୟାଣକାରୀ ଯୋଜନା ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ ଶ୍ରୀ ମୋଦୀଙ୍କ ଲୋକପ୍ରିୟତା ୭୮ ପ୍ରତିଶତ ରହିଛି । ସେ ନିଜ କଥା ଓ କାମରେ ବିଶ୍ୱାସ ରଖି ଦେଶ ହିତରେ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ବିଶେଷ କରି ମହିଳା ଓ ଗରିବ ଲୋକମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରଣୟନ

କରୁଛନ୍ତି । 'ସବ୍ କା ସାଥ୍ ସବ୍ କା ବିକାଶ' ମନ୍ତ୍ରକୁ ଆଧାର କରି ସରକାର ଦେଶର ବିକାଶ ପାଇଁ କାର୍ଯ୍ୟ କରିଚାଲିଛନ୍ତି ।

ଆଜି ଭୁବନେଶ୍ୱରସ୍ଥ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଗଣମାଧ୍ୟମ ସହ ଆଲୋଚନା ସମୟରେ ଶ୍ରୀ ଠାକୁର କହିଛନ୍ତି, ଓଡ଼ିଶାରେ ବିଭିନ୍ନ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ହୋଇଥିବା ଭ୍ରଷ୍ଟାଚାର ତଦନ୍ତ କରାଯିବ । ଯାହା ପଶ୍ଚିମବଙ୍ଗରେ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ସମ୍ପର୍କରେ ସେଠାରେ ତଦନ୍ତ କରାଯାଇଛି । ୟୁ.ପି.ଏ. ସରକାର ତୁଳନାରେ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି । ଓଡ଼ିଶାରେ ମହିଳାମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ଜଳଜୀବନ ମିଶନ୍‌କୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ପାଇଁ ସେ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ଦେଶ ସ୍ୱାଧୀନତା ପାଇଁ ଓଡ଼ିଶାର ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବିଶ୍ରା ମୁଣ୍ଡା, ନିର୍ମଳ ମୁଣ୍ଡା, ସହିଦ ଲକ୍ଷ୍ମଣ ନାୟକ, ସହିଦ ବାଜିରାଉତ, ଉତ୍କଳମଣି ଗୋପବନ୍ଧୁ ଦାସ, କୁଳବୃଦ୍ଧ ମଧୁବାବୁ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ଭଳି ଅନେକ ସଂଗ୍ରାମୀ ଓ ମହାପୁରୁଷଙ୍କ ଯୋଗଦାନ

ଅବିସ୍ମରଣୀୟ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଜି ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସଂଗ୍ରାମୀକୁ ସମ୍ମାନ ଦେବା ଓ ବିକଶିତ ଭାରତରେ ସେମାନଙ୍କ ଯୋଗଦାନକୁ ବଜାୟ ରଖିବା ଏବଂ ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଯେତେବେଳେ ଭାରତ ଚନ୍ଦ୍ରଯାନ-୩ ମିଶନ୍ ସଫଳ ହୋଇଛି ଓ ସୂର୍ଯ୍ୟ ଅଭିଯାନ ଆଦିତ୍ୟ ଏଲ୍-ଓ୍ୱାନ୍ ଉତ୍କ୍ଷେପଣ କରାଯାଇଛି ସେହିଭଳି ସମୟରେ ଏହି ମହାନ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଅମୃତ କାଳରେ ଭାରତ ନୂତନ ଶିଖରରେ ପହଞ୍ଚିବ ଏବଂ ଶିକ୍ଷା ଜଗତ ଏହାର ନେତୃତ୍ୱ ନେବ ବୋଲି ସେ କହିଛନ୍ତି । କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ଶ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚପ୍ରଣର ଶପଥ ପାଠ କରିବା ସହ ଦେଶ ପାଇଁ ବଳି ଦେଇଥିବା ବୀରମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ଏକ ସହିଦ ସ୍ମାରକୀ ଫଳକ ଉନ୍ମୋଚନ କରିବା ସହ ଦୁଇ କେନ୍ଦ୍ର ମନ୍ତ୍ରୀ ବୃକ୍ଷଚାରା ରୋପଣ କରିଥିଲେ ।

## ନୋବେଲ୍ ପ୍ରାଇଜ୍-ଫିଜିକ୍ସ

ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ୨୦୨୩ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଘୋଷଣା କରିଛି । ପିଏରେ ଅଗୋସ୍ତିନି, ଫେରେନ୍ସ କ୍ରାଉଜ୍ ଏବଂ ଆନେ ଏଲ୍ ହ୍ୱିଲିୟର୍‌ଙ୍କୁ ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ । ପଦାର୍ଥରେ ଇଲେକ୍ଟ୍ରୋନ୍ ଗତିଶୀଳତା କ୍ଷେତ୍ରରେ ଗବେଷଣା ପାଇଁ ଏହି ତିନି ବୈଜ୍ଞାନିକଙ୍କୁ ମିଳିତ ଭାବରେ ଏହି ପୁରସ୍କାର ପ୍ରଦାନ କରାଯିବ । ଫେରେନ୍ସ କ୍ରାଉଜ୍ ଜର୍ମାନୀର ପଦାର୍ଥ ବିଜ୍ଞାନୀ ହୋଇଥିବା ବେଳେ ଆନେ ଏଲ୍ ହ୍ୱିଲିୟର୍ ସ୍ୱିଡେନ୍‌ର ଏବଂ ପିଏରେ ଅଗୋସ୍ତିନି ହେଉଛନ୍ତି ଆମେରିକୀୟ ବୈଜ୍ଞାନିକ । ମାନବ କଲ୍ୟାଣ ପାଇଁ ପଦାର୍ଥ ବିଜ୍ଞାନ କ୍ଷେତ୍ରକୁ ଯୋଗଦାନ ନିମନ୍ତେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି ।

## ଏସୀୟ କ୍ରୀଡ଼ା

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାର ଦଶମ ଦିନରେ ଆଜି ଭାରତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ହାସଲ କରିଛି । ଫଳରେ ଭାରତ ୧୪ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଓ ୨୭ଟି ବ୍ରୋଞ୍ଜ ପଦକ

ସହ ମୋଟ୍ ୬୬ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି ।

ଆଜି ସନ୍ଧ୍ୟାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ଭାରତର ଆଥ୍ଲେଟ୍‌ମାନେ ବିଶେଷ ସଫଳତା ହାସଲ କରିଛନ୍ତି । ପୁରୁଷ ଟ୍ରିପଲ୍ ଜମ୍ପରେ ଭାରତର ପ୍ରବୀନ୍ ଛେତ୍ରୋଭାଲ୍ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିପରି ୮୦୦ ମିଟର ଦୌଡ଼ରେ ମହମ୍ମଦ ଆଫ୍‌ସଲ୍ ରୌପ୍ୟ ପଦକ ହାସଲ କରିଛନ୍ତି । ମହିଳା ୫ହଜାର ମିଟର ଦୌଡ଼ରେ ପାରୁଲ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ମହିଳା ୪୦୦ ମିଟର ହଡଲ୍ସରେ ବିଦ୍ୟା ରାମରାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ମହିଳା ୫୪ କେ.ଜି. ବକ୍ସିଂରେ ପ୍ରୀତି ପାୱାର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ବିଭାଗ ନୌଚାଳନା ୧୦୦୦ ମିଟରରେ ଅର୍ଜୁନ୍ ସିଂହ ଓ ସୁନୀଲ ସିଂହ ସଲାମ ବ୍ରୋଞ୍ଜ ପଦକ ଜିତିଛନ୍ତି । ଏହା ନୌଚାଳନାରେ ଭାରତର ଦ୍ୱିତୀୟ ପଦକ ।

ଅନ୍ୟ ପକ୍ଷରେ ନେପାଳକୁ ୨୩ ରନ୍‌ରେ ପରାସ୍ତ କରି ଭାରତ କ୍ରିକେଟ୍‌ରେ ସେମିଫାଇନାଲ୍‌ରେ ପ୍ରବେଶ କରିଛି ।